### ବ୍ରାହ୍ମଣ ସମାଜର ଜଗୁରିକାଳୀନ ବୈଠକ

ରାଇଘର,(ଡି.ଏନ୍.ଏ.)- ରାଇଘର କୁମ୍ଭିଟି ସାହିସ୍ଥିତ ହନୁମାନ ମନ୍ଦିରରେ ସ୍ଥାନୀୟ ବ୍ରାହ୍ମଣ ସମାଜର ଜରୁରୀକାଳୀନ ବୈଠକ ସଭାପତି ଅଜୟ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବୀରଭଦ୍ର ରଥ, ଗଙ୍ଗାଧର ପାଣି, ରମାନାଥ ପଣ୍ଡା, ବିଜୟ କୁମାର ପାଢ଼ୀ ଓ ଜିଲା ସଂଯୋଜକ ଗଗନ ବାହିନୀପତି ଉପସ୍ଥିତ ଥିଲେ। ସମାଜ ସମ୍ପାଦକ ସନନ୍ତ ପ୍ରହରାଜ ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ଉପସଭାପତି ପଦ ପାଇଁ ପ୍ରଶାନ୍ତ ପାଣିଗ୍ରାହୀ, ସୁଶୀଳା ଦେବତା ଓ ରଞ୍ଜିତ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଛି। ସମାଜର ବିଭିନ୍ନ ଶାଖାର ଦଳପତି ଭାବେ ସୁଶାନ୍ତ ସାମନ୍ତରାୟ, ସନ୍ୟାସୀ ନାୟକ ଏବଂ ସହସମ୍ପାଦକ ଭାବେ ପ୍ରଭାଞ୍ଜଳି ପାତ୍ର, ବସନ୍ତ ପଣ୍ଡା ଓ ସାମାଞ୍ଜଳ ଷଡ଼ଙ୍ଗୀ ଏବଂ ସଙ୍ଗଠନ ସମ୍ପାଦକ ଭାବେ ଶ୍ରୀହର୍ଷ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। କୋଷାଧ୍ୟକ୍ଷ ଅକ୍ଷୟ ଦାଶ ସମାଜର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ୩ କି.ମି. ରାସ୍ତାରେ ୧୨୭ ଗାତ



ଉମରକୋଟ, ୨୨।୧୦(ସ୍ୱ.ପ୍ର.) - ଉମରକୋଟରୁ ରାଇଘରକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ୩୯ ଅତି ଶୋଚନୀୟ ହୋଇ ପଡ଼ିରହିଛି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଉକ୍ତ ରାସ୍ତାର ଉମରକୋଟ ଡଙ୍ଗରିଗଡ଼ାରୁ ଦରଗାଗୁଡ଼ା ଯାଏ ପ୍ରାୟ ୩ କି.ମି. ରାସ୍ତାରେ ୧୨୭ଟି ଛୋଟ ବଡ଼ ଗାତ ରହିଛି। ଏହି ଗାତ ଯୋଗୁ ବିଗତ ଦିନରେ ଅନେକ ଦୁର୍ଘଟଣା ଘଟିଛି। ଏହି ଗାତଗୁଡ଼ିକୁ କିଛିଦିନ ପୂର୍ବରୁ ପଥର ଗୁଣ୍ଡ ଓ ଗୋଡ଼ି ମିଶାଇ ରାସ୍ତାରେ ପକାଯାଇଥିଲା। ଏବେ ସେଗୁଡିକ ବାହାରି ରାସ୍ତାରେ ବିଛେଇହୋଇ ପଡିଛି। ଗୋଟିଏ ଗାଡ଼ି ଗଲାପରେ ରାସ୍ତା ଧୂଳିମୟ ହୋଇଯାଉଛି। ଏ ବିଷୟରେ ଉମରକୋଟ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଘନଶ୍ୟାମ ପଣ୍ଡାଙ୍କୁ ୬ ଦିନ ପୂର୍ବରୁ ଯୋଗାଯୋଗ କରିଥିଲୁ। ୨୦ ତାରିଖ ପରେ ତିଆରି କରାଯିବ ବୋଲି ସେ କହିଥିଲେ। ଏବେ ସୁଦ୍ଧା ମରାମତି କାମ ଆରମ୍ଭ କରାଯାଇପାରିନାହିଁ। ଘଟଣା ସମ୍ପର୍କରେ ଶୁକ୍ରବାର ତାଙ୍କୁ ପଚାରିବାରୁ ୨ଦିନ ମଧ୍ୟରେ କାମ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ରାସ୍ତା ମରାମତି ସତରେ ହେଉଛି ନା ନାହିଁ ତାହା ଦେଖିବା ଏବେ ବାକି ରହିଲା।

### ମୋହରାରେ ମୁସ୍‌ଲିମ ଧର୍ମସଭା



ଚନ୍ଦାହାଣ୍ଡି, ୨୨।୧୦(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ମୋହରା ଜାମା ମସ୍‌ଜିଦ୍ ପରିସରରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଏକ ଧର୍ମସଭା ଅନୁଷ୍ଠିତ ହୋଇଯାଇଛି। ପ୍ରୟାଗରାଜରୁ ଧର୍ମଗୁରୁ ମୌଲାନା ଗୁଲାମ ରବାନୀ ଯୋଗଦେଇଥିଲେ। ମହାପୁରୁଷ ମହମ୍ମଦଙ୍କ ଜୀବନୀ ଉପରେ ସେ ଆଲୋକପାତ କରିଥିଲେ। ଉତ୍ତର ପ୍ରଦେଶ ସୁଲତାନପୁରରୁ ସାୟରେ ଇସ୍‌ଲାମ କୌଶର ଓ ତସ୍‌ନିମ ଯୋଗଦେଇ ମହାପୁରୁଷ ମହମ୍ମଦଙ୍କ ବାଣୀକୁ କବିତା ମାଧ୍ୟମରେ ପାଠ କରିଥିଲେ। ଏହି ଅବସରରେ କୁନି କୁନି ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମକୁ ଜନାବ କୈଫ୍ ରାଜା ଇଲ୍ଲାହାବାଦୀ ପରିଚାଳନା କରିଥିଲେ। ଏଥିରେ ମୋହରା ସୁନ୍ନି ମୁସ୍‌ଲିମ କମିଟିର ସଭାପତି ମହମ୍ମଦ ୟୁନୁସ, ସମ୍ପାଦକ ସହିଦ ଅଲ୍ଲୀ, ଉପସଭାପତି ମହମ୍ମଦ ରଫିକ, ମୌଲାନା ସଲମାନ ରଜା ହବିବ, ଅବଦୁଲ ହମିଦ୍, ହାଜି ମହମ୍ମଦ ଇସା, ମହମ୍ମଦ ହନିଫ,ମହମ୍ମଦ ସଫିକ, ଅବଦୁଲ ମଜିଦ, ଅବଦୁଲ କୟୁମ, ମହମ୍ମଦ ରିଜାୱାନ, ନାସିର ଉଲ୍ଲା ସୁଫି, ମହମ୍ମଦ ହନିଫ ହିଙ୍ଗୋରା ଓ ମହମ୍ମଦ ଅସଲମ ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ



ଡାବୁଗାଁ, ୨୨।୧୦ (ଡି.ଏନ୍.ଏ.)- ଡାବୁଗାଁ ବ୍ଲକସ୍ଥିତ ବିଇଓଙ୍କ କାର୍ଯ୍ୟାଳୟରେ ନିୟମିତ ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ଗୁରୁବାରରୁ ଆରମ୍ଭ ହୋଇଛି। ପ୍ରଥମ ଓ ଦ୍ୱିତୀୟ ଦିନରେ ମୋଟ ୪୪ ଜଣ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇଛି। ଏହି ପ୍ରକ୍ରିୟା ୨୮ ତାରିଖ ପର୍ଯ୍ୟନ୍ତ କରାଯିବ ବୋଲି ବିଇଓ ପ୍ରଶାନ୍ତ କୁମାର ହୋତା ସୂଚନା ଦେଇଛନ୍ତି। ସମସ୍ତ ଶିକ୍ଷକଙ୍କ ପ୍ରମାଣପତ୍ର ସମ୍ପୃକ୍ତ ବୋର୍ଡ ଓ କାଉନସିଲକୁ ପଠାଯିବ। ସେଠାରୁ ଉତ୍ତର ଆସିବା ପରେ ହିଁ ପ୍ରକୃତ ତଥ୍ୟ ଆସିବ ବୋଲି ବିଇଓ କହିଛନ୍ତି। ଏହି କାର୍ଯ୍ୟରେ ଏବିଇଓ ସମରେନ୍ଦ୍ର ଭୌମିକ, ସେକ୍ସନ ଅଫିସର କୈଳାସ ଚନ୍ଦ୍ର ସିଂଲାଲ, ହେମନ୍ତ କୁମାର ସାହୁ ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ।

# ‘କଡ଼ା କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା, ତେଣୁ ପ୍ରଦୀପ ତରବରିଆ ଦଳ ଛାଡ଼ିଲେ’

ନବରଙ୍ଗପୁର,୨୨।୧୦(ବି.ପ୍ର.)

ପ୍ରଦୀପ ମାଝୀ କଂଗ୍ରେସରୁ ଇସ୍ତଫା ଦେବା ପରେ ଶୁକ୍ରବାର ପିସିସି ଉପସଭାପତି ନକୁଳ ନାୟକଙ୍କ ଉପସ୍ଥିତିରେ ନବରଙ୍ଗପୁରରେ ଏକ ଖବାଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲା ସଭାପତି ମୁନା ତ୍ରିପାଠୀଙ୍କ ସୁପାରିଶ

**କଂଗ୍ରେସର ଖବରଦାତା ସମ୍ମିଳନୀ**
- ଜିଲା କଂଗ୍ରେସ କମିଟି ପ୍ରତ୍ୟାହାର
- ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି ଦଳ ଛାଡ଼ିବା ଚର୍ଚ୍ଚା

କ୍ରମେ ପିସିସି ଉପସଭାପତି ତଥା ନବରଙ୍ଗପୁର ଜିଲା କଂଗ୍ରେସ ପ୍ରଭାରୀ ନକୁଳ ନାୟକ ଜିଲା କଂଗ୍ରେସ କମିଟିକୁ ପ୍ରତ୍ୟାହାର ବା ଭାଙ୍ଗି ଦେଇଥିଲେ। ଯେତେଦିନ ପର୍ଯ୍ୟନ୍ତ ନୂତନ କମିଟି ଗଠନ କରାଯିବ ନାହିଁ ସେତେଦିନ ପର୍ଯ୍ୟନ୍ତ ମୁନା ତ୍ରିପାଠୀ ଜିଲା କଂଗ୍ରେସ ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସୁଥିବେ ବୋଲି ନକୁଳ ନାୟକ ସୂଚନା ଦେଇଛନ୍ତି।

ଶୁକ୍ରବାର ପ୍ରଦୀପ ମାଝିଙ୍କ ବିରୋଧରେ ଦଳ ବିରୋଧୀ କାର୍ଯ୍ୟ ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯିବାର ଥିଲା। ଏହା ଜାଣିବା ପରେ ତରବରିଆ ଭାବେ ପ୍ରଦୀପ ଦଳରୁ ଇସ୍ତଫା ଦେଇଥିବା ନକୁଳ ନାୟକ କହିଛନ୍ତି । ପ୍ରଦୀପଙ୍କୁ କଂଗ୍ରେସ ଯଥେଷ୍ଟ ସମ୍ମାନ ଦେବା ସହ ଅଧିକ ସୁଯୋଗ ଦେଉଥିଲା। ପ୍ରଦୀପ ଯେଉଁ କାରଣରୁ ଦଳ ଛାଡିବା ଉଲ୍ଲେଖ କରୁଛନ୍ତି ତାହାକୁ ନକୁଳ ନାପସନ୍ଦ କରିଛନ୍ତି। ପ୍ରଦୀପ ଦଳକୁ ଧକ୍କା ଦେଇଥିବା ସେ କହିଛନ୍ତି। ଆଗାମୀ ଦିନରେ ନବରଙ୍ଗପୁରରେ ଦଳ ସୁଦୃଢ ହୋଇ ଠିଆ ହେବ ବୋଲି ନକୁଳ କହିଛନ୍ତି। ସେହିଭଳି ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି ମଧ୍ୟ କଂଗ୍ରେସ ଛାଡୁଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ତାଙ୍କ ପାଖରେ କିଛି ଖବର ନ ଥିବା ନକୁଳ କହିଛନ୍ତି। ଭୁଜବଳ ମାଝି ଦଳ ଛାଡିବା ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି। ଖବରଦାତା ସମ୍ମିଳନୀରେ ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ସଦନ ନାୟକ, ଦିଲ୍ଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

### ରାଜନୀତିରେ ପ୍ରଦୀପ

ନବରଙ୍ଗପୁର (ବି.ପ୍ର)

ପ୍ରଦୀପ ମାଝି ଗରିବ ସେନା ସଙ୍ଗଠନ ଗଢ଼ି ଏହାର ସଭାପତି ଦାୟିତ୍ୱ ତୁଲାଉଥିଲେ। ଏହା ମଧ୍ୟରେ ୨୦୦୩-୦୪ରେ ଝରିଗାଁ ଗଙ୍ଗାରିଗୁଡା ଦୁର୍ଗମ ଅଞ୍ଚଳରେ ପୁଷ୍ଟିହୀନତାରେ ଶିଶୁ ମୃତ୍ୟୁ ଘଟଣାକୁ ଲୋକଲୋଚନକୁ ଆଣିବା ସହ ସତିଗୁଡ଼ାରେ ଆମରଣ ଅନଶନରେ ବସିଥିଲେ। ଏହା ପରେ ସେ ଚର୍ଚ୍ଚାର ପରିସରକୁ ଆସିଥିଲେ। ତତ୍କାଳୀନ ଜଳ ସମ୍ପଦ ମନ୍ତ୍ରୀ ରବି ନନ୍ଦ ପ୍ରଦୀପଙ୍କୁ ଅନଶନରୁ ଉଠାଇଥିଲେ। ସେ ୨୦୦୭ରୁ କଂଗ୍ରେସରୁ ଟିକେଟ ପାଇ ଜିଲାପରିଷଦ ହୋଇଥିଲେ। ୨୦୦୯ରେ କଂଗ୍ରେସରୁ ନବରଙ୍ଗପୁର ଏମ୍‌ପି ଭାବେ ଟିକେଟ ପାଇ ବିଜୟୀ ହୋଇଥିଲେ। ପ୍ରଦୀପଙ୍କୁ ରାଜ୍ୟ ଯୁବ କଂଗ୍ରେସ ସଭାପତି ଓ ପରେ ରାଜ୍ୟ ପିସିସି କାର୍ଯ୍ୟ କାରିଣୀ ସଭାପତି ଦାୟିତ୍ୱ ଦିଆଯାଇଥିଲା।

### ପ୍ରଦୀପଙ୍କ ସମର୍ଥନରେ ଦଳ ଛାଡ଼ିଲେ ଜିଲା କଂଗ୍ରେସ ଉପସଭାପତି

ଉମରକୋଟ,(ସ୍ୱ.ପ୍ର.)



ନବରଙ୍ଗପୁର ଜିଲା କଂଗ୍ରେସ ଉପସଭାପତି ତପନ କୁମାର ଦେବନାଥ ଶୁକ୍ରବାର ଦଳ ଛାଡିଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପାଖକୁ ପଠାଇଛନ୍ତି। ପୂର୍ବତନ ଏମ୍‌ପି ପ୍ରଦୀପ ମାଝିଙ୍କୁ ସମର୍ଥନ କରି ଦଳ ଛାଡ଼ିଥିବା ସେ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି। ତପନ ଉପସଭାପତି ହେବା ସହ ୨୦୧୮ରୁ ପିସିସି ସଭ୍ୟଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ସେ ଉମରକୋଟ ମୁନସିପାଲିଟିର ପୂର୍ବତନ କାଉନସିଲର ରହିବା ସହ ବର୍ତ୍ତମାନ ଉମରକୋଟ ଓକିଲ ସଂଘ ର ସଭାପତି ମଧ୍ୟ ଅଛନ୍ତି। ତପନଙ୍କ ଇସ୍ତଫା ପରେ ଉମରକୋଟ ଓ ରାଇଘର ଅଞ୍ଚଳର କେତେଜଣ କଂଗ୍ରେସ କର୍ମୀ ମଧ୍ୟ ଦଳ ଛାଡୁଥିବା ସୂଚନା ମିଳିଛି। କିନ୍ତୁ ଉମରକୋଟରେ ବର୍ତ୍ତମାନ ସୁଦ୍ଧା ଅନ୍ୟ କର୍ମୀ ଦଳ ଛାଡ଼ିନଥିବା ଜଣାପଡିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ଗୁଣପୁର,୨୨।୧୦(ଡି.ଏନ୍.ଏ.)– ରାୟଗଡ଼ା ଜିଲା ଗୁଣପୁର ସହରସ୍ଥିତ ଶବର ବିହାରରେ ଶୁକ୍ରବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମେସିଂ ରାଇକା। ସୂଚନା ଅନୁଯାୟୀ, ଘରେ ବିଦ୍ୟୁତ୍ ମରାମତି କାମ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମେସିଂ ଗୁରୁତର ହୋଇଥିଲେ। ଖବର ପାଇ ଗୁଣପୁର ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାରକରି ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଗୁଣପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଜଣାପଡ଼ିଛି।

### ବିଜେଡିରେ ମିଶିଲେ ଶତାଧିକ ଅନ୍ୟ ଦଳର କର୍ମୀ

କୋଲନରା,୨୨।୧୦(ଡି.ଏନ୍.ଏ.)– ରାୟଗଡା ଜିଲା କୋଲନରା ବ୍ଲକ ବଡ଼ଖିଲାପଦର ପଞ୍ଚାୟତର ଗାଦବାଗୁଡ଼ାଠାରେ ଶୁକ୍ରବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜୁ କୃଷକ ସେଲ୍ ସମ୍ପାଦକ ବାନାଗା ତ୍ରିପତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋଲନରା ବ୍ଲକର ଝରଡି,



ରେଖାପଦର, ସୁରୀ, ବଦଖିଲାପଦର, ବାଙ୍କିଲି ଭୋଇମେଡ଼ା, କଟିକୋଣା, ଥେରୁବାଲି, କେଲିଗୁଡ଼ା ପଞ୍ଚାୟତର ବିଭିନ୍ନ ଦଳର ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନରେ ଅନୁପ୍ରାଣୀତ ହୋଇ ଦଳରେ ଯୋଗ ଦେଇଥିବା ନୂତନ କର୍ମୀମାନେ କହିଛନ୍ତି। ଅପରପକ୍ଷେ ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଥିବାରୁ ଏହା ଦଳ ପାଇଁ ଶୁଭଙ୍କର ବୋଲି ବିଜେଡିର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଗୀତା କୋଣ୍ଡାଗରୀ, ଉପାଧ୍ୟକ୍ଷ ତେଜରାଜ ନାଗ, ଜିଲା ଯୁବ ବିଜେଡିର ସମ୍ପାଦକ ଗୋପୀନାଥ ମୁସୁକା, ଜାଲନ୍ଦୁ କୋଣ୍ଡାଗରି, ବ୍ଲକ ସଭାପତି ବିକ୍ରମ ପିଡ଼ିପାକା ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଭଙ୍ଗା କୋଠରିରୁ ୧୩୦ ପେଟି ନକଲି ବିଦେଶୀ ମଦ ଜବତ

ପଦ୍ମପୁର,୨୨।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଗୁମୁଡ଼ା ନିକଟସ୍ଥ ଅନ୍ତରଖୋଲି ଗ୍ରାମର ଏକ ପରିତ୍ୟକ୍ତ କୋଠରିରୁ ଶୁକ୍ରବାର ୧୩୦ ପେଟି ନକଲି ବିଦେଶୀ ମଦ ଜବତ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗର ସ୍ୱତନ୍ତ୍ର ଟିମ୍ ଚଢ଼ାଉକରି ବଂଶଧାରା ନଦୀ କୂଳରେ ଥିବା ଭଙ୍ଗା କୋଠରିରୁ ଏହି ମଦ ଜବତ କରିଛନ୍ତି। ଏସ୍‌ଆଇ ବିଶ୍ୱଜିତ ଦାଶ, ଏସ୍‌ଆଇ ସୁଦର୍ଶନ ବିଶୋୟୀ, ଏଏସ୍‌ଆଇ ଜନାର୍ଦ୍ଦନ ମଙ୍ଗରାଜ, ଏଏସ୍‌ଆଇ ଅନ୍ତର୍ଯାମୀ ସାହୁ, ଏଏସ୍‌ଆଇ ସୁଦର୍ଶନ ବେହେରାଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ସାମିଲ ଥିଲେ। ଜବତ ନକଲି ମଦର ମୂଲ୍ୟ ୧୦ ଲକ୍ଷ ୬୦ ହଜାର ଟଙ୍କା ହେବ। ତେବେ ଏହି ଘଟଣାରେ କାହାକୁ ଗିରଫ କରାଯାଇନାହିଁ। ନକଲି ମଦ ଗଚ୍ଛିତ ଥିବା କୋଠରିଟି ଗବେଷ ଶବରଙ୍କର ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତେବେ ଆଇନ ଅନୁଯାୟୀ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କୁ ଚିଠି କରାଯିବ। କୋଠରିଟି କାହା ନାମରେ ରହିଛି ଜଣାପଡ଼ିବା ପରେ ତଦନ୍ତ ଆଗକୁ ବଢ଼ିବ ବୋଲି ଏସ୍‌ଆଇ ବିଶ୍ୱଜିତ ଦାସ ସୂଚନା ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଅଞ୍ଚଳରେ ବଡ଼ ଧରଣର ନକଲି ମଦ କାରବାର ଚାଲିଥିଲେ ମଧ୍ୟ ରାୟଗଡ଼ା ଅବକାରୀ ବିଭାଗ ପାଖରେ କିପରି ସୂଚନା ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି।



ଜବତ କରାଯାଇଥିବା ନକଲି ମଦ।

- ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗର ଚଢ଼ାଉ
- ଜାଣିପାରିଲାନି ରାୟଗଡ଼ା ଅବକାରୀ ବିଭାଗ

# ବିଡିଓଙ୍କୁ ଗାଁ ସାଥୀ କମିଟିର ଦାବିପତ୍ର

କୋଷାଗୁମୁଡ଼ା, ୨୨।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଗାଁ ସାଥୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି। ବ୍ଲକର ଗାଁ ସାଥୀମାନେ ପଞ୍ଚାୟତ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ବିଭିନ୍ନ ସ୍ଲୋଗାନ ଦେବା ସହ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ୧୩ ବର୍ଷ ଧରି ଗାଁ ସାଥୀମାନେ ଗ୍ରାମୀଣ ଯୋଜନାରେ ସାମିଲ ହୋଇଛନ୍ତି । ଏଣୁ ସେମାନଙ୍କୁ ୮ହଜାର ଟଙ୍କା ପ୍ରୋତ୍ସାହନ ରାଶି, ୨୦ହଜାର ଟଙ୍କା କୋଭିଡ୍ ସହାୟତା ରାଶି, ୧୦୦ ଦିନ କାମ ପରିବର୍ତ୍ତେ ୨ ଶହ ଦିନର କାମକୁ ୩ଶହ ଟଙ୍କା ହାରରେ ବ୍ୟବସ୍ଥା କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। କାର୍ଯ୍ୟକ୍ରମରେ ଜିଲା ସଭାପତି ତ୍ରିନାଥ ଅମାନାତ୍ୟ , ସମ୍ପାଦକ ନୀଳାମ୍ବର ଦିଶାରୀ, ରାଜ୍ୟ ସଦସ୍ୟ କୈଳାସ ଚନ୍ଦ୍ର ଭତ୍ରା, ବ୍ଲକ ସଭାପତି ରଘୁନାଥ ଭତ୍ରା, ଉପସଭାପତି ଗିରିଗୋପାଳ ଅମାନାତ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ।




ଗାଁ ସାଥୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

# ଚାକିରି ନିୟମିତ ନ ହେଲେ ସପରିବାର ଧାରଣା ଚେତାବନୀ

ନବରଙ୍ଗପୁର,୨୨।୧୦(ବି.ପ୍ର.)

ନବରଙ୍ଗପୁର ଶିଶୁ ବିକାଶ ପ୍ରକଳ୍ପରେ କାର୍ଯ୍ୟରତ ଠିକା ମହିଳା ପରିଦର୍ଶିକାମାନେ ବିଭିନ୍ନ ଦାବିନେଇ ଏକ ଦାବିପତ୍ର ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ଓ ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସଙ୍କୁ ପ୍ରଦାନ କରିଛନ୍ତି। ୧୫ଦିନ ମଧ୍ୟରେ ଜିଲା ପ୍ରଶାସନ କିମ୍ବା ସରକାର ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନ ନେଲେ ପରିବାର ସହ ବାଧ ହୋଇ ଧାରଣାରେ ବସିବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

**ଜିଲାପାଳ, ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ଠିକା ପରିଦର୍ଶିକାଙ୍କ ଦାବିପତ୍ର**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୦୮ରେ ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଓ ୫ବର୍ଷର ଅଭିଜ୍ଞତା ଥିବା ୧୭ଜଣ ଅଙ୍ଗନୱାଡି କର୍ମୀଙ୍କୁ ସୁପରଭାଇଜରଭାବେ ପଦୋନ୍ନତି ମିଳିଥିଲା। ୬ବର୍ଷ ପରେ ଚାକିରୀ ନିୟମିତ କରିବାର ନିୟମ ରହିଥିଲେ ମଧ୍ୟ ସେମାନଙ୍କ କ୍ଷେତ୍ରରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଏଭଳିଭାବେ ଓଡ଼ିଶାର ୫୫୬ଜଣଙ୍କୁ ସରକାର ଉପେକ୍ଷା କରୁଛନ୍ତି। ଅନ୍ୟପଟେ ମାଟ୍ରିକ ପାସ ଅଙ୍ଗନୱାଡି କର୍ମୀଙ୍କୁ ସୁପରଭାଇଜର ପଦବୀରେ ନିୟମିତ ପଦୋନ୍ନତି ମିଳିଛି। ସେମାନଙ୍କୁ ନିୟମିତ ଦରମା ସହ ଇନ୍‌କ୍ରିମେଣ୍ଟ ମିଳୁଥିବା ଠିକା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ମହଙ୍ଗା କାଳରେ ସ୍ୱଳ୍ପ ଦରମାରେ ଘରା ଚଳାଇବା କଷ୍ଟକର ହୋଇପଡୁଛି। ସରକାର ଏହାର ସମାଧାନ ତୁରନ୍ତ କରନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ପୂରଣ ନ ହେଲେ ଧାରଣା ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



ଜିଲା ସମାଜ କଲ୍ୟାଣ ଅଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

# ସାହାରା ଇଣ୍ଡିଆ ଅଫିସ ଘେରିଲେ ଜମାକାରୀ

ରାୟଗଡ଼ା ଅଫିସ,୨୨।୧୦

ରାୟଗଡ଼ା ସହରସ୍ଥିତ ସହାରା ଇଣ୍ଡିଆ କାର୍ଯ୍ୟାଳୟରେ ଶୁକ୍ରବାର ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅବଧି ପୂରଣ ସତ୍ତ୍ୱେ ଜମାକାରୀଙ୍କୁ ଜମାରାଶି ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଶତାଧିକ ଜମାକାରୀ ସାହାରା ଇଣ୍ଡିଆ ଶାଖା କାର୍ଯ୍ୟାଳୟ ପରିଚାଳକଙ୍କୁ ଘେରିଥିଲେ। ଜମାକାରୀଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଭଣ୍ଡେଇ ଚାଲିଥିବା ଲୋକେ ଅଭିଯୋଗ କରିଥିଲେ। ଏହି ସମୟରେ ପରିଚାଳକ ଓ ଜମାକାରୀଙ୍କ ମଧ୍ୟ ହୋହାଲ୍ଲା ପରିସ୍ଥିତି ଉପୁଜିଥିଲା। ଜମାକାରୀମାନେ ତୁରନ୍ତ ଜମାରାଶି ନ ଫେରାଇଲେ ଆଗାମୀ ଦିନରେ କାର୍ଯ୍ୟାଳୟରେ ତାଲା ପକାଯିବ ବୋଲି ଜମାକାରୀ ଚେତାବନୀ ଦେଇଛନ୍ତି।

### ଗରୁଡ଼ ଆପ୍‌ରେ ଭୋଟର ତାଲିକା ସଂଶୋଧନ ତାଲିମ

ଝରିଗାଁ, ୨୨।୧୦(ସ୍ୱ.ପ୍ର)

ଝରିଗାଁ ପଞ୍ଚାୟତ ସମିତି ସଭାଗୃହରେ ବିଡିଓ ସତ୍ୟନାରାୟଣ ମେହେରଙ୍କ ଅଧ୍ୟକ୍ଷତାରେ ଗରୁଡ଼ ଆପ୍ ମାଧ୍ୟମରେ ଭୋଟର ତାଲିକାରେ ନାମ ଯୋଗ, ବାଦ୍ ଓ ସଂଶୋଧନ ସମ୍ପର୍କିତ ତାଲିମ ଦିଆଯାଇଛି। ଏଥିରେ ୧୧୭ଜଣ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ୧୨ ଜଣ ବିଏଲ୍‌ଓ ସୁପରଭାଇଜର ତାଲିମ ନେଇଛନ୍ତି। ବିଡିଓ, ତହସିଲଦାର ହୃଷୀକେଶ ଗଣ୍ଡ, ଅତିରିକ୍ତ ତହସିଲଦାର ଚିନ୍ମୟ ସାଗର ତାଲିମ ପ୍ରଦାନ କରିଥିଲେ। ଏବିଡିଓ ବିଶ୍ୱନାଥ ରାଉତ ଏବଂ ଏସିପି ସୁଶାନ୍ତ କୁମାର ସାହୁ ଶିବିର ପରିଚାଳନା କରିଥିଲେ। ପୂର୍ବରୁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଭେଣ୍ଡର ମାଧ୍ୟମରେ କରାଯାଉଥିବାରୁ ସେଥିରେ ବହୁ ତ୍ରୁଟି ପରିଲକ୍ଷିତ ହେଉଥିଲା। ଭୋଟରମାନେ ବିଏଲ୍‌ଓଙ୍କୁ ଉକ୍ତ ତ୍ରୁଟି ପାଇଁ ଦାୟୀ କରୁଥିଲେ। କିନ୍ତୁ ବର୍ତ୍ତମାନ ନିଜେ ବିଏଲ୍‌ଓ ଗରୁଡ଼ ଆପ୍ ଏବଂ ଭୋଟର ହେଲ୍ପଲାଇନ୍ ଆପ୍ ମାଧ୍ୟମରେ ଯୋଗ, ବାଦ୍ ଏବଂ ସଂଶୋଧନ କାର୍ଯ୍ୟ କରିପାରିବେ। ଫଳରେ ଏକ ସୁସ୍ଥ ଭୋଟର ତାଲିକା ପ୍ରକାଶ ପାଇବାରେ ଏହା ସହାୟକ ହୋଇପାରିବ ବୋଲି ଟ୍ରେନରମାନେ କହିଛନ୍ତି।

# ମୃତଦେହ ରଖି ଟିକିରି-ଡଙ୍ଗାସିଲ ରାସ୍ତା ଅବରୋଧ

ଟିକିରି,୨୨।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଟିକିରି ଥାନା ଅଧୀନ ଉଷାପଡ଼ା ମେଡିକାଲ ଛକ ନିକଟରେ ଗୁରୁବାର ଦୁଇ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ୩ ଜଣ ଗୁରୁତର ହୋଇଥିଲେ। ତିନି ଗୁରୁତର କାଶୀପୁର ଥାନା ଅନ୍ତର୍ଗତ ଡୁମେଲ ଗ୍ରାମର ଧବଲୁ ଗୌଡ଼(୬୦), ହିରଣ୍ୟ ନାୟକ ଏବଂ ଦୋରଗୁଡ଼ା ଥାନା ଅଧୀନ କରଳ ଗ୍ରାମର ସୁଶାନ୍ତ ନାୟକ(୧୬)ଙ୍କୁ ଉଷାପଡ଼ସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସମସ୍ତଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଧବଲୁ ଗୌଡ଼ଙ୍କ ମୃତ୍ୟୁ ଘଟିଛି। ସେହିପରି ସୁଶାନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ହିରଣ୍ୟଙ୍କ ଚିକିତ୍ସା କୋରାପୁଟରେ ଚାଲିଛି। ମୃତ ଧବଲୁଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଆମ୍ବୁଲାନ୍ସ ଯୋଗେ ଗାଁକୁ ମୃତଦେହ ନେବାବେଳେ ଦୁର୍ଘଟଣାସ୍ଥଳ ରେଡ୍‌ଚିଲ୍ଲୀ ହୋଟେଲ ନିକଟରେ ମୃତଦେହ ରଖି କ୍ଷତିପୂରଣ ଦାବିରେ ପରିବାର ଲୋକେ ଏବଂ ଗ୍ରାମବାସୀ ଟିକିରି-ଡଙ୍ଗାସିଲ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଟିକିରି ପୋଲିସ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲା। ଦୁର୍ଘଟଣା ଘଟାଇଥିବା ବାଇକ୍ ବାଲିକ ୧ଲକ୍ଷ ଟଙ୍କା କ୍ଷତିପୂରଣ ଦେବ। ପରେ ରାସ୍ତାରୋକ ହଟିଥିଲା।

- ଦୁର୍ଘଟଣାରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ
- ବାଇକ୍ ମାଲିକ କ୍ଷତିପୂରଣ ଦେବାପରେ ହଟିଲା ଅବରୋଧ



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

# ସ୍ମାର୍ଟ ସ୍କୁଲ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

ରାୟଗଡ଼ା ଅଫିସ/ରାମନାଗୁଡ଼ା/ଗୁଣପୁର, ୨୨।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ଶୁକ୍ରବାର ରାମନଗୁଡ଼ା ଏବଂ ଗୁଣପୁର ଗସ୍ତକରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ୫-ଟି ଅଧୀନରେ ଚାଲିଥିବା ରାମନଗୁଡ଼ା ହାଇସ୍କୁଲର ଅଧୁନିକୀକରଣ କାର୍ଯ୍ୟ ଯଥା ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ଖେଳ ପଡ଼ିଆ ଉନ୍ନତିକରଣ ଆଦି କାର୍ଯ୍ୟ ବୁଲି ଦେଖିଥିଲେ। ସମସ୍ତ କାର୍ଯ୍ୟ ଶୀଘ୍ର ସାରିବା ନିମନ୍ତେ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥଲେ। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟ ଶେଷ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଗସ୍ତବେଳେ ବିଧାୟକ ରଘୁନାଥ ଗମାଙ୍ଗ, ରାମନଗୁଡ଼ା ବିଡିଓ ବେଣୁଧର ଶବର, ତହସିଲଦାର ଜୟଶ୍ରୀ ମଲିକ, ଅତିରିକ୍ତ ତହସିଲଦାର ଏଫ୍. ଏକ୍କା, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ମିଶ୍ର, କନିଷ୍ଠ ଯନ୍ତ୍ରୀ ହିମାଂଶୁ ରଥ ପ୍ରମୁଖ ଉପସ୍ଥିତ ଥିଲେ।

ଏହାପରେ ଜିଲାପାଳ ଗୁଣପୁର ଗସ୍ତରେ ଯାଇ ଉପଖଣ୍ଡ କାରାଗାର ପରିଦର୍ଶନ କରିଥିଲେ। କାରାଗାରର ସିସିଟିଭି ଯାଞ୍ଚ କରିବା ସହ ଅନ୍ତେବାସୀଙ୍କ ଖାଦ୍ୟପେୟ ସୁବିଧା, ରୋଷେଇ ଘର, ଜଳ ନିଷ୍କାସନ ବ୍ୟବସ୍ଥା ଆଦିର ତଦାରଖ କରିଥଲେ। କାରାଗାର ମଧ୍ୟରେ ୧୦ ମହିଳା ଅନ୍ତେବାସୀ ଥିବାରୁ ସେମାନଙ୍କ ବିଭିନ୍ନ ଅବଶ୍ୟକତା ଉପରେ ଗୁରୁତ୍ୱ ଦେବା ନିମନ୍ତେ ଜେଲ୍ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଗୁଣପୁରସ୍ଥିତ ଶତାୟୁ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ମୋ ସ୍କୁଲ ଅଭିଯାନ ଓ ୫-ଟି ଅଧୀନରେ ନିର୍ମାଣାଧୀନ ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ବିଜ୍ଞାନାଗାର, ଶୌଚାଳୟ ଆଦି କାର୍ଯ୍ୟର ତଦାରଖ କରିଥିଲେ। ହାଇସ୍କୁଲରେ ଦିଆ ଯାଇଥିବା ରଙ୍ଗ ବର୍ଷାରେ ନଷ୍ଟ ହୋଇଥିବାରୁ ପୁନଶ୍ଚ ରଙ୍ଗ ଦେବାକୁ କହିଥିଲେ। ନଭେମ୍ବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଏହି ଆଧୁନିକୀକରଣ କାର୍ଯ୍ୟର ଉଦ୍‌ଘାଟନ ହେବାକୁ ଥିବାରୁ ଶୀଘ୍ର କାମ ସାରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗୁଣପୁର ଗସ୍ତବେଳେ ସ୍ଥାନୀୟ ବିଡିଓ ଶାନ୍ତିପ୍ରଭା ପ୍ରଧାନ, ତହସିଲଦାର ଶରତ ଚନ୍ଦ୍ର ନାୟକ, ପୌର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ, ହାଇସ୍କୁଲ ଶିକ୍ଷକ ଶଶାଙ୍କ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଗୁଣପୁର ସରକାରୀ ହାଇସ୍କୁଲ ପରିସରରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

- ଜିଲାପାଳଙ୍କ ରାମନାଗୁଡ଼ା, ଗୁଣପୁର ଗସ୍ତ
- ଗୁଣପୁର ମଣ୍ଡଳ କାରାଗାରରେ ବ୍ୟବସ୍ଥାର ତଦାରଖ

### ପ୍ରାଥମିକ ଶିକ୍ଷକ ସଂଘର ଜିଲାସ୍ତରୀୟ ବୈଠକ

ଡାବୁଗାଁ, ୨୨।୧୦ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ନର୍ସରୀରେ ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ୍)ର ଜିଲା ସ୍ତରୀୟ ବୈଠକ ଉପସଭାପତି ତ୍ରିପତୀ ଦଳେଇଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ରାଜ୍ୟ ଗଣଶିକ୍ଷା ବିଭାଗର ପତ୍ର ଅନୁଯାୟୀ ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତି ନିମନ୍ତେ ପ୍ରକ୍ରିୟା କେଉଁ ପରିସ୍ଥିତିରେ ଅଛି ସେ ସମ୍ପର୍କରେ ଆଲୋଚନା ହୋଇଛି। ସେପ୍ଟେମ୍ବର ୩୦ ସୁଦ୍ଧା ପଦୋନ୍ନତି ପ୍ରକ୍ରିୟା ସାରିବାକୁ ଥିବାବେଳେ ଏଥିରେ ବିଳମ୍ବ ହୋଇଛି। ଏ ବିଷୟରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ଦାବି ଉଠିଛି। ପେନସନ ନ ଥିବାରୁ ଶୀଘ୍ର ପଦୋନ୍ନତି ଯୋଗୁ ଏନପିଏସରେ ଅଧିକ ଟଙ୍କା ଜମା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ଜିଲା ସଂଘ ସମ୍ପାଦକ ଗଣେଶ ପ୍ରସାଦ ରଣାଙ୍କ ସହ ବିକାଶ ରଞ୍ଜନ ନିଶଙ୍କ, ସୁରେଶ ଚନ୍ଦ୍ର ବେହେରା, ସୌଭାଗ୍ୟ ବିଶ୍ୱାଳ, ନରେଶ ପଟ୍ଟନାୟକ, ଦେବୀ ପ୍ରସାଦ ପଟ୍ଟନାୟକ, ବିଶ୍ୱ ରଞ୍ଜନ ପଣ୍ଡା, ଘନଶ୍ୟାମ ଗଣ୍ଡଙ୍କ ସହ ଜିଲାର ୧୦ ବ୍ଲକର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

